Largest Circulated Odia Daily

SAMBAD ସମ୍ବାଦ

ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ






ଲାହୋର ତୃତୀୟ ଦିବାରାତ୍ର ଦିନିକିଆ: ଭାରତ ପାକିସ୍ତାନକୁ ୫ ଉ୍ଵିକେଟ୍‌ରେ ହରାଇଲା, ପାକିସ୍ତାନ ୨୮୮/୮ (ସ

ତାରିଖ : ୨/୧୩/୨୦୦୬


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୬.୯ | ୩୪.୬ |
| କଟକ | ୧୫.୪ | ୩୪.୬ |
| ବାଲେଶ୍ୱର | ୧୫.୪ | ୩୧.୬ |
| ଗୋପାଳପୁର | ୧୮.୧ | ୨୯.୮ |
| ଝାରସୁଗୁଡ଼ା | ୧୪.୭ | ୩୩.୪ |

ବିତର୍କ/ମତାମତ ସଂଗ୍ରହ

ଆମେରିକା ଇରାନ ଆକ୍ରମଣ କରିବା ଉଚିତ ହେବ କି?

: ହଁ.....
: ନାହିଁ.....
: କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଙ୍ଗ, ନେତାଏ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତ?

ବାଲେଶ୍ୱର (ଅରବିନ୍ଦ ଦାସ): ଓଡ଼ିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ (ଏନ୍‌ଆଇଏସ୍) ପ୍ରତିଷ୍ଠା ହେବାର ସମ୍ଭାବନା ଆଉ ଅଛି କି ? ଆଜିର ସ୍ଥିତି ଯାହା ସେଥିରେ ଏ ପ୍ରଶ୍ନର ସମ୍ଭାବ୍ୟ ଉତ୍ତର ହେଉଛି 'ନା'। ଏହି ପ୍ରତିଷ୍ଠାନ ସ୍ଥାନାନ୍ତର ଉପରେ ହାଇର୍କୋଟଙ୍କ ରହିତାଦେଶକୁ ସୁପ୍ରିମର୍କୋଟ ଉଠାଇ ଦେବା ପରେ ରାଜ୍ୟବାସୀଙ୍କ ଶେଷ ଆଶା ମଉଳିଯାଇଛି। ରାଜ୍ୟବାସୀଙ୍କର ଭାବାବେଗ ଓ ସ୍ୱାଭିମାନକୁ ସମ୍ମାନ ଜଣାଇ ଦଳମତ ନିର୍ବିଶେଷରେ ଯଦି ରାଜ୍ୟର ରାଜନୈତିକ ନେତୃବୃନ୍ଦ ସମ୍ମିଳିତ ତଥା ଦୃଢ଼ ଇଚ୍ଛାଶକ୍ତି ଜାହିର କରନ୍ତି ତେବେ ଯାଇ ଏ ଦିଗରେ ପୁଣି ଆଶାର ଉଦ୍ରେକ ହୋଇପାରିବ ବୋଲି ମତପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ସମେତ ଦେଶର ୪ଟି ସହରରେ ଏନ୍‌ଆଇଏସ୍ ପ୍ରତିଷ୍ଠା ହେବାର ପ୍ରସ୍ତାବ ରହିଛି ବୋଲି ୨୦୦୩ ଜୁଲାଇ ୨୩ରେ ୟୁଜିସିର ତତ୍କାଳୀନ ଅଧ୍ୟକ୍ଷ ଉତ୍କଳ ବିଶ୍ୱିବଦ୍ୟାଳୟ କୁଳପତିଙ୍କ ନିକଟକୁ ଏକ ପତ୍ରରେ ଜଣାଇବା ପରେ ପ୍ରଥମ ଥର ପାଇଁ ଏ ଦିଗରେ ରାଜ୍ୟବାସୀଙ୍କର ମନରେ ଆଶାର ସଞ୍ଚାର ହୋଇଥିଲା। ସେହିବର୍ଷ ଡିସେମ୍ବର ୯ ତାରିଖରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ସାଂସଦ ସବ୍-କମିଟିରେ ଏହା ଘୋଷଣା କରିବାରୁ ରାଜ୍ୟବାସୀଙ୍କର ଏହି ଆଶା ଆହୁରି ଦୃଢ଼ ହୋଇଥିଲା। ସେହି ଡିସେମ୍ବର ମାସ ୨୮ ତାରିଖରେ ୟୁଜିସିର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନ ସମାରୋହରେ ଖୋଦ୍ ରାଷ୍ଟ୍ରପତି ଏ ବିଷୟରେ ଆନୁଷ୍ଠାନିକ ଘୋଷଣା କରିବା ପରେ ୟୁଜିସି ଅଧ୍ୟକ୍ଷ ଓ ସଂପୃକ୍ତ କୁଳପ ତିମାନଙ୍କ ମଧ୍ୟରେ ଏଥିନେଇ ଏକାଧିକ ବୈଠକ ଅନୁଷ୍ଠି ତ ହୋଇଥିଲା। ଭୁବନେଶ୍ୱର ପୌରାଞ୍ଚଳରେ ରାଜ୍ୟ ସରକାର ମାଗଣାରେ ଏଥିପାଇଁ ୭୫ ଏକର ଜମି ଯୋଗାଇଦେବେ ବୋଲି ସଂପୃକ୍ତ ବୈଷୟିକ କମିଟି ଗ ତ ମେ'୨୦୦୪ରେ ଦାଖଲ କରିଥିବା ରିର୍ପୋଟରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ। ତେବେ ଆକସ୍ମିକ ଭାବେ ଗତବର୍ଷ ସେପ୍‌ଟେମ୍ବର୍ରେ ଏ ବିଷୟରେ କେନ୍ଦ୍ର ସରକାରଙ୍କ ଏକ ପରିବର୍ତ୍ତିତ ବିଜ୍ଞପ୍ତି ପ୍ରକାଶ ପାଇଲା। ଏନ୍‌ଆଇଏସ୍ ତାଞ୍ଚାରେ କୋଲକାତା ଓ ପୁଣେଠାରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଆଇଆଇଏସ୍‌ଇଆର୍) ପ୍ର ତିଷ୍ଠା କରାଯିବାର ନିଷ୍ପତ୍ତି ନିଆଯାଇ ଭୁବନେଶ୍ୱରକୁ ଉକ୍ତ ତାଲିକାରୁ ରହସ୍ୟଜନକ ଭାବେ ବାଦ ଦିଆଗଲା। ଏହାର ପ୍ରତିବାଦରେ 'ଆଗାମୀ ଓଡ଼ିଶା' ସଂଗଠନର ଆହ୍ୱାନରେ ଦ ଲ୍ଲୀର ସଂସଦ ମାର୍ଗଠାରେ ଶତାଧିକ ଛାତ୍ର ଓ ବୁଦ୍ଧିଜୀବୀ ଗ ତ ଡିସେମ୍ବର ୧୬ ତାରିଖରେ ଏକତ୍ରିତ ହୋଇ ପ୍ରତିବାଦ



**ରାମଦେବଙ୍କ ଯୋଗ ହାଵା ଆସି ପହଞ୍ଚିଲା କଟକରେ ....! କଟକରେ ସ୍ୱାମୀ ରାମଦେବଙ୍କ ଯୋଗ ଶିକ୍ଷା ଶିବିରରେ ମହିଳାମାନଙ୍କ ଯୋଗାଭ୍ୟାସ।**

ଅନ୍ୟାନ୍ୟ ଖବର


- ତ୍ରିବେଣୀ ଘାଟରେ ୧୦ ହଜାର ଭକ୍ତ ବୁଡ଼ ପକାଇଲେ
- ଛାତ୍ରାବାସରୁ ଲୁଚି ପଳାଉଥିବା ୮ ଛାତ୍ର ଉଦ୍ଧାର
- କଳିଙ୍ଗନଗର ଗୁଳିକାଣ୍ଡକୁ ଅନୁସୂଚିତ ଜାତି ଓ ଜନଜାତି ମହାସଂଘର ନିନ୍ଦା
- ୫ଟି ପରିବାରର ୨୫ ଜଣ ହିନ୍ଦୁ ଧର୍ମକୁ ଫେରିଲେ
- ଓକିଲଙ୍କୁ ହତ୍ୟା ଧମକ ନେଇ ଥାନାଧିକାରୀଙ୍କ ନାମରେ ମାମଲା

ଜଣାଇଥିଲେ । ଉକ୍ତ ରାଲିକୁ ରାଜ୍ୟର ୧୮ ଜଣ ସାଂସଦ ଆସିବା ସହ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଉଦେ ।ଧନ ଦେବା ଫଳରେ ଏଥି ନେଇ ପୁଣିଥରେ କ୍ଷୀଣ ଆଶାର ସଂଚାର ହୋଇଥିଲା । ଏହି ପ୍ରସଙ୍ଗରେ ଓଡ଼ିଆ ସାଂସଦ ମାନେ ଏକାଠି ହୋଇ ୧୫ ମିନିଟ୍ କାଳ ଯଦିଓ ଲୋକସଭାର କାର୍ଯ୍ୟଧାରା ଅଚଳ କରିଦେବାରେ ସକ୍ଷମ ହୋଇଥିଲେ, କେନ୍ଦ୍ର ସରକାରଙ୍କଠାରୁ କିନ୍ତୁ ଏ ପ୍ରସଙ୍ଗରେ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ହାସଲ କରିପାରି ନଥିଲେ । ବରଂ ଏନ୍ଆଇଏସ୍ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାର ପ୍ରସ୍ତାବ କେବେ ବି ନଥିଲା ବୋଲି ମିଥ୍ୟା ଓ ବିଭ୍ରାନ୍ତିକର ବକ୍ତବ୍ୟମାନ ସଂପୃକ୍ତ ମନ୍ତ୍ରୀମାନେ ବିଭିନ୍ନ ସମୟରେ ଦେଇ ଓଡ଼ିଶାବାସୀଙ୍କ କଟା ଘା'ରେ ଚୂନ ଲେପିବା ଭଳି କାର୍ଯ୍ୟ କରିଥିଲେ । ଏଣେ ଧୀରେ ଧୀରେ ଓଡ଼ିଶାର ସବୁ ଆଶା ମଉଳି ଯାଉଥିଲା, ତେଣେ କିନ୍ତୁ ଏହି ପ୍ରତିଷ୍ଠାନରୁ ଓଡ଼ିଶାକୁ କେହି ବଞ୍ଚିତ କରିପାରିବେ ନାହିଁ ବୋଲି ବାଲେଶ୍ୱର ସାଂସଦ ଖାରବେଳ ସ୍ୱାଇଁ ଦୃଢ଼ୋକ୍ତି ପ୍ରକାଶ କରି ଚାଲିଥିଲେ । ତେବେ ଏହାର ସ୍ଥାନାନ୍ତର ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୂର୍ବରୁ ଦେଇଥିବା ରହିତାଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଉଠାଇଦେବା ଫଳରେ ଏ ବିଷୟରେ ରାଜ୍ୟବାସୀଙ୍କର ଶେଷ ଆଶା ଟିକକ ମଧ୍ୟ ମଉଳି ଯାଇଛି । ସୁପ୍ରିମ୍‌ର୍‌କୋଟଙ୍କ ଏହି ନିଷ୍ପତ୍ତି ଫଳରେ ଅନ୍ୟ ରାଜ୍ୟରେ ଏନ୍ଆଇଏସ୍ କିମ୍ବା ଆଇଆଇଏସ୍ଇଆର୍ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏଣିକି ଆଉ କୌଣସି ଆଇନଗତ ପ୍ରତିବନ୍ଧକ ରହିଲା ନାହିଁ । ପ୍ରସଙ୍ଗ ସହ ରାଜ୍ୟର ସ୍ୱାଭିମାନ ଜଡ଼ିତ ଥିବାରୁ ଏଣିକି ଏ ପ୍ରସଙ୍ଗରେ ରାଜ୍ୟର ନେତୃବୃନ୍ଦ କିପରି ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ରାଜ୍ୟବାସୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ଚଳିତ ବିଧାନସଭା ଅଧିବେଶନରେ ବିଧାୟକମାନେ ଏହି ପ୍ରସଙ୍ଗରେ ଯଦି ଏକ ସର୍ବସମ୍ମ ତ ପ୍ରସ୍ତାବ ଗୃହୀତ କରି କେନ୍ଦ୍ରକୁ ପଠାଇବାରେ ସକ୍ଷମ ହୁଅନ୍ତି ତଥା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେଉଥିବା ସଂସଦର ବଜେଟ୍ ଅଧିବେଶନରେ ଯଦି ଓଡ଼ିଆ ସାଂସଦ ମାନେ ଆହୁରି ଅଧିକ ବଳିଷ୍ଠ ଭାବେ ଏହି ଦାବି ଉପସ୍ଥାପନ କରିବାରେ ସକ୍ଷମ ହୁଅନ୍ତି ତେବେ ଯାଇ ରାଜ୍ୟବାସୀଙ୍କର କ୍ଷତ ଉପଶମ ସମ୍ଭବ ହେବ ।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com